# ହଜିଲା ଦିନର କଥା

ରମେଶ ଚନ୍ଦ୍ର ଭଞ୍ଜ

ସକାଳବୁଲା ଦେହକୁ ବଡ଼ ହିତ । ବେଶ୍ ଫୁର୍ତ୍ତି ଲାଗେ, ସତେଜ ଲାଗେ । ସେଦିନ ମଧୁବାବୁ ସବୁଦିନିଆ ସକାଳବୁଲା ସାରି କୋଠିକୁ ଫେରି ଆସୁଥାନ୍ତି । ନିତି କିଲ୍ଲା ପଡ଼ିଆରେ ଘେରାଏ ବୁଲି ନ ଆସିଲେ ବାବୁଙ୍କୁ ଶାନ୍ତି ଲାଗେ ନାହିଁ । ବେଳେବେଳେ ବାରବାଟୀ କଡ଼ଦେଇ ମହାନଦୀ କୂଳେକୂଳେ ଥୋଡ଼ାଏ ବାଟ ଚାଲିଯାଆନ୍ତି । ହାତରେ ଥାଏ ଶିଙ୍ଗ ବାଡ଼ି । ଘରଲେଉଟାଣି ମନଟା ଟିକିଏ ହାଲୁକା ଲାଗେ । ଶିଙ୍ଗ ବାଡ଼ିଟା ହାତରେ ଘୂରୁଥାଏ । କାଳି ଅନ୍ଧାରରୁ ସେ ବାହାରି ଯାଆନ୍ତି । ଫେରୁଫେରୁ କଅଁଳ ଖରା ପଡ଼ିଯାଇ ଥାଏ, ସେଦିନ କାହିଁକି କେଜାଣି ଟିକିଏ ସଅଳ ଲେଉଟି ଆସିଥାନ୍ତି । ହତା ଭିତରେ ପଶୁପଶୁ ଆଖିରେ ପଡ଼ିଲା – ଗିନା, ଗଡୁ, ଠେକି, ଡାଳ ଥୁଆ ହୋଇଛି । କୋତରା କନ୍ତାପିନ୍ଧା ସ୍ତ୍ରୀଲୋକ କେତୋଟି ଅପେକ୍ଷା କରି ଠିଆ ହୋଇଛନ୍ତି । ସେମାନଙ୍କ କାଖରେ କୁନିକୁନି ଛୁଆ । ବାବୁଙ୍କୁ ଦେଖି ସଭିଏଁ ଶଙ୍କି ଗଲେ ।



ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି, ଛୁଆଙ୍କ ଚେହେରା ତାକୁ ବଳି । ସମସ୍ତଙ୍କ ମୁଣ୍ଡ ନୁଖୁରା, ହାଡୁଆ ଦେହକୁ ଠାକରା ମୁହଁ, ଓଠ ଶୁଖିଲା, ଆଖି ନିସ୍ତେଜ, ଛୁଆଗୁଡ଼ିକଙ୍କ ଦେହ ଫୁଙ୍ଗୁଳା, ପତଳା ଓ ଦୁର୍ବଳ ଚେହେରା ।

ବାବୁ କାବା ହେଲେ, ଏମାନେ ଆଜି କୁଆଡ଼େ ! ଏଠାରେ କାହିଁକି ! ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ବାବୁ ପଚାରିଲେ

- କୁଆଡ଼େ ସବୁ ଆସିଛ ?
- କ୍ଷୀର ପାଇଁ । ଏଇ ପିଲାଙ୍କ ସକାଶେ ।
- କିଏ କ୍ଷୀର ଦେବ ?
- ସୁଦାମ ଭଲ କ୍ଷୀର ଟିକିଏ ଦଉଚି ତ.......... ।

ସୁଦାମର ଘର ବିଡ଼ାନାସୀରେ । ସେ ବାବୁଙ୍କ ଗାଇମାନଙ୍କର ହେପାଜତ୍ କରେ । ଗୁହାଳ ଗୋବର, ଚୂନି, ଚୋକଡ଼, ନଡ଼ା, କୁଟା, ଘାସ, କୋଳଥ ସବୁ ତଦାରଖ କରେ । ଖାଇପିଇ ବାବୁଙ୍କ ଘରେ ଥାଏ । ବେଳେବେଳେ ଅନ୍ୟ ବୋଲହାକ କରେ ।

ବାବୁ ତଲାସ କରି ବୁଝିଲେ, ଏମାନେ ଆଜି କେବଳ ଆସି ନାହାନ୍ତି । ଏମିତି ଗଲା କେତେଦିନ ଧରି ଆସୁଛନ୍ତି । ପୁଣି ପଇସା ଦେଇ କ୍ଷୀର ନେଉଛନ୍ତି । କିଏ ପାଏ ତ କିଏ ଅଧପାଏ । ସବୁ ପଇସା ଦେଉଛନ୍ତି ସୁଦାମକୁ । ବାବୁଙ୍କର ମଥାକୁ ରାଗ ଚଢ଼ିଗଲା, ମନେମନେ ସେ ନିଆଁ ହୋଇଗଲେ ସୁଦାମ ଉପରେ । ତାଙ୍କ ଅଜାଣତରେ ସୁଦାମ କ୍ଷୀର ବିକି ପଇସା ରଖୁଛି ? ଆଜି ସୁଦାମ ଘରୁ ବିଦା ହେବ । ହେଲେ ସୁଦାମ ତ ସେପରି ଲୋକ ନୁହେଁ ଏତେଦିନ ଧରି ରହିଲାଣି, ବାବୁଙ୍କର ଲୋକ ଚିହ୍ନିବାରେ ତେବେ କ'ଣ ଏତେ ଭୁଲ୍ ରହିଗଲା ?

ସୁଦାମକୁ ପାଖକୁ ଡାକି ବାବୁ ପଚାରିଲେ । ସୁଦାମ ସିଧାସିଧା ମାନିଗଲା । ସିଏ କାହିଁକି ଲୁଚାଇବ ! କୋଠି ଖର୍ଚ୍ଚ ବାଦ୍ କ୍ଷୀର ଢେର୍ ବଳକା ହେଉଛି । ସେ କ୍ଷୀର ଆଉ କ'ଣ ହେବ ? ତେଣୁ ସେ ବିକି ଦେଉଛି । ସେହି ପଇସାରେ ଗାଈଙ୍କ ପାଇଁ ଚୂନି, ଚୋକଡ଼, ପିଡ଼ିଆ, ନଡ଼ାପାଳ, କିଣି ଖାଇବାକୁ ଦେଉଛି ।

ଏ ସବୁ ଶୁଣି ଗର୍ଜି ଉଠିଲେ ବାବୁ – "ହଇରେ ! ମଧୁ ଦାସ ଶେଷକୁ କ୍ଷୀର ବିକିବ ? ଛିଃ-ଛିଃ ! ତା' ପୁଣି ଏଇ ଗରିବ ଲୋକଗୁଡ଼ାଙ୍କୁ ! ଲୋକେ ଶୁଣିଲେ କ'ଣ କହିବେ ? ଗାଈଙ୍କର ଯଦି ଦାନାର ଅଭାବ ହେଉଛି ମୋତେ ଜଣାଇଲୁ ନାହିଁ ? ଖାଇବାକୁ ଦେଇ ନ ପାରିଲେ ମଧୁ ଦାସ ଗୋଟିଗୋଟି କରି ସବୁ ଗାଈ ବିକିଦେବ ସିନା, କ୍ଷୀର ବିକି ପାରିବ ନାହିଁ । ଅଭାବ ଭିତରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନାଟା ନିଲାମ ହୋଇଗଲା । ତା' ଦେହ ସହିଲା, ତଥାପି ମଧୁ ଦାସ ତଳକୁ ଖସିଯାଇ ନାହିଁ । ନା, ତା' ହୋଇପାରିବ ନାହିଁ । କାଲିଠାରୁ କ୍ଷୀର ମାଗଣା ଦିଆଯିବ । "ଗାଈ ଦୁହାଁଳ ଥିବା ପର୍ଯ୍ୟନ୍ତ କୋଠି ଖର୍ଚ୍ଚରୁ କାଟି ଏହି ଛୁଆମାନଙ୍କୁ କ୍ଷୀର ଦିଆଯିବ ।"

ଓଡ଼ିଆମାନଙ୍କର ଦୁର୍ଦ୍ଦଶା ଦେଖି ଯାହାଙ୍କର ପ୍ରାଣ ସବୁବେଳେ କାନ୍ଦୁଥିଲା, ସେ କ'ଣ କେବେ ଏଭଳି କ୍ଷୀର ବିକି ପାରିଥା'ନ୍ତେ ? ଏ ମଧୁ ଦାସ କିଏ; ସେ ବିଷୟରେ ଅଧିକ କହିବାର ଆବଶ୍ୟକତା ନାହିଁ । କାରଣ ସେ ମଧୁ ବାରିଷ୍ଟର, ମିଷ୍ଟର ଦାସ୍, ମଧୁବାବୁ ଭାବେ ଓଡ଼ିଶାରେ ସବୁଠାରେ ଜଣାଶୁଣା । ଏବେ ମଧ୍ୟ ଅନେକ ଲୋକଙ୍କ ମୁହଁରୁ ଢଗଟିଏ ଶୁଣିବାକୁ ମିଳେ- "ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି", ତାଙ୍କ ପରି ପଢୁଆ ଓ ଲଢୁଆ ମଣିଷ ସେତେବେଳେ ଓଡ଼ିଶାରେ ଖୁବ୍ କମ୍ ଥିଲେ । ସେ ରେଭେନ୍ସା

କଲିଜିଏଟ୍ ସ୍କୁଲ୍‌ରୁ ପ୍ରବେଶିକା ପରୀକ୍ଷାରେ ପାସ୍ କରିବା ପରେ ପ୍ରଥମେ କଲିକତା ପଢ଼ିବାକୁ ଯାଇଥିଲେ । ସେଠାରୁ ଏମ୍.ଏ., ବି.ଏଲ୍, ପାସ୍ କରିଥିଲେ ।

୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଚାଲି ଆସିଲେ । ପହିଲେ କଟକର "ବିହାରୀ ବାଗ"ରେ ରହି ଅଦାଲତରେ ଓକିଲାତି ଆରମ୍ଭ କଲେ । ପରେ ମିଶନ୍‌ରୋଡ୍‌ରେ ନିଜ ଘର ତୋଳି ଜୀବନର ଶେଷ ପର୍ଯ୍ୟନ୍ତ ସେହିଠାରେ ରହିଥିଲେ । ଏବେ ତାଙ୍କରି ଘରେ "ଶୈଳବାଳା ମହିଳା କଲେଜ" ଠିଆ ହୋଇଛି । ସେହି ହତା ଭିତରେ "ମଧୁସ୍ମୃତି" ନାମକ ଏକ କୋଠରୀ ଅଛି । ମଧୁବାବୁଙ୍କର ହାତବାଡ଼ି, ପଗଡ଼ି, ଚଷମା, ଜୋତା, ଦୋସଡ଼ା, ଶାଲ୍ ଇତ୍ୟାଦି ସବୁ ଜିନିଷ ସେଇଠି ସାଇତା ହୋଇ ରହିଛି ।

୧୯୦୫ ମସିହାରେ ମଧୁବାବୁ କଟକରେ "ଉତ୍କଳଟ୍ୟାନେରୀ" ନାମରେ ଗୋଟିଏ ବିରାଟ ଜୋତା କାରଖାନା ବସାଇଥିଲେ । ସେହି କାରଖାନାରେ ଗୋରୁ, ମଇଁଷି, ମେଣ୍ଢା, ଗୋଧି ଓ କୁମ୍ଭୀର ଚମଡ଼ାରୁ ଓଡ଼ିଆ କାରିଗରମାନେ ସୁନ୍ଦର ଓ ମଜବୁତ୍ ଜୋତା ତିଆରି କରୁଥିଲେ । ଏ ଜୋତା ବହୁତ ପରିମାଣରେ ବିଦେଶକୁ ଚାଲାଣ ହେଉଥିଲା । ଦେଶ ବିଦେଶରେ ଜୋତା ପାଇଁ ଓଡ଼ିଶାର ଟେକ ଥିଲା । କାମରେ



ଟିକିଏ ଖଇଚା ଦେଖିଲେ ମଧୁବାବୁ ବିଡ଼ାବିଡ଼ା ଜୋତା ପୋଡ଼ି ଦେଉଥିଲେ । ସେଥିପାଇଁ ମଧୁବାବୁଙ୍କୁ ଟଙ୍କା ପଇସାର ଘୋର ଅଭାବ ସହିବାକୁ ପଡ଼ିଥିଲା । ଶେଷରେ କରଜ ଶୁଝି ନ ପାରିବାରୁ କାରଖାନାଟି ନିଲାମ ହୋଇଗଲା ।

ମଧୁବାବୁଙ୍କର ଶେଷ ଜୀବନରେ ସବୁବେଳେ ଦାରୁଣ ଅଭାବ ଘୋଟି ରହିଥିଲା । ହେଲେ ସେ ଅଭାବ ତାଙ୍କୁ ତିଳେ ହେଲେ ବିଚଳିତ କରି ପାରୁ ନ ଥିଲା । ଯେଉଁ ଖାଦ୍ୟ ସାଧାରଣ ଓଡ଼ିଆ ଖାଏ, ସେହି ଖାଦ୍ୟ ମଧୁବାବୁ ନିତିଦିନ ଖାଉଥିଲେ । ତା' ଥିଲା ପୋଷେ ଢିଙ୍କିକୁଟା ଉଷୁନା ଚାଉଳର ଭାତ, ଦୁଇ ଚାରିଖଣ୍ଡ ଅମୃତଭଣ୍ଡା ସିଝା, ଅଳ୍ପ କିଛି କ୍ଷୀର, ମଦରଙ୍ଗା କିମ୍ବା ହିଡ଼ିମିଚା ଶାଗ । ଚାରି ପାଞ୍ଚ ମୁଠା ଖଇ ତାଙ୍କର ସବୁଠାରୁ ଅତି ପ୍ରିୟ ଜଳଖିଆ ଥିଲା, ଯେ ମର୍ମେମର୍ମେ ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କରୁଥିଲେ; ସେ କିପରି କ୍ଷୀର ବିକିଥା'ନ୍ତେ ଦୁଃଖୀ ଦରିଦ୍ରମାନଙ୍କୁ !

ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ଇଂରାଜୀ ପଢ଼ୁଆ ଏମ୍.ଏ., ପ୍ରଥମ ଓକିଲ, ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତଯାତ୍ରୀ । ତାଙ୍କୁ ଦେଖିଲାମାତ୍ରେ ଯେକୌଣସି ଲୋକର ମୁଣ୍ଡ ନଇଁ ଯାଉଥିଲା । ସେ ଓଡ଼ିଶାର ଗୌରବ, ଆମ ଜାତିର ଗୌରବ, ତାଙ୍କୁ 'ଉତ୍କଳଗୌରବ' ବୋଲି କୁହାଯାଏ । ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା ଏବଂ ୧୯୩୪ ମସିହା ଫେବୃୟାରୀ ୪ ତାରିଖ ଦିନ କଟକରେ ତାଙ୍କର ମୃତ୍ୟୁ ହେଲା ।

## ଶିକ୍ଷକଙ୍କ ପାଇଁ ସୂଚନା

- ★ ଶିକ୍ଷକ ଶ୍ରେଣୀରେ ପାଠଦାନ ପୂର୍ବରୁ ମଧୁସୂଦନ ଦାସଙ୍କର ଗୋଟିଏ ଫଟୋ ସଂଗ୍ରହ କରି କାନ୍ଥରେ ଟାଙ୍ଗିବେ କିମ୍ବା ଟେବୁଲ ଉପରେ ରଖିବେ ।
- ★ ପାଠଟି ଶେଷ କରିବା ପରେ ମଧୁସୂଦନ ଦାସଙ୍କ ବିଷୟରେ ପାଠ ବାହାରୁ କିଛି ନୂଆ କଥା କହିବେ ।
- ★ ବିଶେଷକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ସଂକ୍ଷେପରେ ଧାରଣା ଦେବେ ।
- ★ ମଧୁବାବୁଙ୍କ ଭଳି ଓଡ଼ିଶାର ଆଉ କେତେକ ଜାତୀୟ ବୀରଙ୍କର ନାମ ପିଲାଙ୍କଠାରୁ ଆଦାୟ କରିବାକୁ ଚେଷ୍ଟା କରିବେ ଏବଂ ସେମାନଙ୍କ ବିଷୟରେ ସଂକ୍ଷେପରେ ସୂଚନା ଦେବେ ।

## ସୂଚନା

| | | |
|---|---|---|
| କିଲ୍ଲାପଡ଼ିଆ | : | କଟକ ସହରର ବାରବାଟୀଦୁର୍ଗ ସାମନାରେ ଥିବା ଖୋଲା ପଡ଼ିଆ । |
| ବାରବାଟୀ ଦୁର୍ଗ | : | ଏହି ସ୍ଥାନ କଟକ ସହରରେ ମହାନଦୀ କୂଳରେ ଅବସ୍ଥିତ। ଏହା ପୂରାପୂରି ଭାଙ୍ଗିଯାଇ ପୋତିହୋଇ ପଡ଼ିଥିଲା, ଏବେ ଖୋଳାଯାଇ ମାଟିତଳୁ ଅନେକ ପୁରୁଣା ଜିନିଷ ଉଦ୍ଧାର କରାଯାଉଛି। |
| ପାଏ | : | କୌଣସି ଜିନିଷର ଚାରି ଭାଗରୁ ଭାଗେ। |
| ପ୍ରବେଶିକା ପରୀକ୍ଷା | : | ଆଜି କାଲିର ମାଟ୍ରିକ୍ୟୁଲେସନ୍ ପରୀକ୍ଷାକୁ ସେତେବେଳେ ପ୍ରବେଶିକା ପରୀକ୍ଷା ବୋଲି କୁହାଯାଉଥିଲା। |
| ବିଡ଼ାନାସୀ | : | କଟକ ସହରର ପଶ୍ଚିମ ଭାଗରେ ଥିବା ଗୋଟିଏ ପୁରୁଣା ଗାଁ। |
| ବିହାରୀବାଗ | : | କଟକ ସହରର ଚାନ୍ଦିନୀଚୌକ ଛକ ନିକଟସ୍ଥ ଏକ ସ୍ଥାନ। |
| ଦୋସଡ଼ା | : | ଚଦର |

### ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| କାଳିଅନ୍ଧାର | କୋତରା | ନିସ୍ତେଜ | କାବା |
| ନୁଖୁରା | ହେପାଜତ୍ | ଠାକରା | ଦୁର୍ଦ୍ଦଶା |
| ନିଲାମ | ଫୂର୍ତ୍ତି | ବୋଲହାକ | ବାରିଷ୍ଟର |
| ଚୂନି | ତଲାସ୍ | ଫୁଙ୍ଗୁଳା | ତଦାରଖ |

### ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା।**

କ. ସକାଳବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

ଖ. ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

ଗ. ସୁଦାମର କଥା ଶୁଣି ମଧୁବାବୁ କ'ଣ କହିଲେ ?

ଘ. ଗରିବ ଲୋକମାନଙ୍କୁ କ୍ଷୀର ଦେବା ବିଷୟରେ ମଧୁବାବୁ ସୁଦାମକୁ କି ପରାମର୍ଶ ଦେଲେ ?

ଙ. ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

**୨. ବହିପତ୍ର, ପାଣିପବନ ପରି ଏହି ବିଷୟରେ ପଢ଼ିଥିବା କେତୋଟି ଯୋଡ଼ି ଶବ୍ଦ ଖୋଜି ବାହାର କରିବା ।**

............... ............... ............... ...............

............... ............... ............... ...............

............... ............... ............... ...............

୩. ଚକ୍ରଟିକୁ ଦେଖି କିଏ କେଉଁ ଉପାଧିରେ ଭୂଷିତ ତାହା ତଳେ ଲେଖ ।




ମଧୁସୂଦନ ଦାସ..................................

ଗୋପବନ୍ଧୁ ଦାସ ................................

ଯଦୁମଣି ମହାପାତ୍ର .............................

ହରେକୃଷ୍ଣ ମହତାବ ...........................

କୁନ୍ତଳା କୁମାରୀ ସାବତ .........................

ପଦ୍ମଚରଣ ରାୟ ................................

୪. କେଉଁ ଶବ୍ଦର ଅର୍ଥ କ'ଣ ତାହା ପତ୍ରରୁ ଖୋଜି ବାହାର କରି ଲେଖିବା ।

ତଲାସ .......................

ହେପାଜତ୍ ...................

ନିସ୍ତେଜ ......................

କିଲ୍ଲା .........................



**୫. ତଳଲିଖିତ ଉତ୍ତରଗୁଡ଼ିକ ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା ଓ ଲେଖିବା ।**

କ. ଛୁଆଗୁଡ଼ିକ ଫୁଙ୍ଗୁଳା, ପତଳା ଓ ଦୁର୍ବଳ ଚେହେରାର ଥିଲେ ।

..............................................................

ଖ. ସୁଦାମର ଘର ବିଡ଼ାନାସୀରେ ।

..............................................................

ଗ. ଜୋତାଗୁଡ଼ିକ ଦେଶ ବିଦେଶକୁ ଚାଲାଣ ହେଉଥିଲା ।

..............................................................

ଘ. ୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଆସିଲେ ।

..............................................................

ଙ. ଉରି ପାଞ୍ଚ ମୁଠା ଖଇ ତାଙ୍କର ଅତି ପ୍ରିୟ ଜଳଖିଆ ଥିଲା ।

..............................................................

**୬. ଯେପରି - "ମଥାକୁ ରାଗ ଚଢ଼ିଯିବା" ସେହିପରି ତଳେ ଲେଖାଥିବା ଅଂଶଗୁଡ଼ିକୁ ପଢ଼ି ଶୂନ୍ୟ ସ୍ଥାନ ପୂରଣ କର ।**

କ. ................ ରୁ ଜୁଳୁଜୁଳିଆପୋକ ବାହାରିବା ।

ଖ. ................ ରେ ହଂସା ଉଡ଼ିଯିବା ।

ଗ. ................ ରେ ଦେହ ଜଳିଯିବା ।

ଘ. ................. ରେ ନାକଟେକିବା ।

ଙ. ................. ମୁଣ୍ଡ ନଇଁଯିବା ।

**୭. ଆସ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଲଗାଇ ଗୋଟିଏ ଲେଖାଏଁ ବାକ୍ୟ ଗଠନ କରିବା ।**

କ. ହିତ............................................. ।

ଖ. ଫୂର୍ତ୍ତି ............................................. ।

ଗ. ସତେଜ ........................................ ।

ଘ. ଦୁର୍ଦ୍ଦଶା.......................................... ।

ଙ. ସଅଳ.......................................... ।

୮. ତଳ ବାକ୍ୟଟି ପଢ଼ । ସେହି ଅନୁସାରେ ଖାଲି ସ୍ଥାନଗୁଡ଼ିକ ପୂରଣ କର ।
ଯେପରି 'ସେ ହଟା ଭିତରେ ପଶୁପଶୁ ଅନେକ ଲୋକଙ୍କୁ ଦେଖିଲେ ।'

କ. ମୁଁ ଘରେ ଗୋଡ଼ ଦେଉଦେଉ ............................................... ।

ଖ. ସେ ଖେଳାଳିଟି ପେଣ୍ଡୁଟିକୁ ମାରୁମାରୁ ....................................... ।

ଗ. ଆଇ ମୋତେ ଗପଟି କହୁକହୁ ................................................ ।

ଘ. ଭୀମ ମଣ୍ଡାପିଠାତକ ଖାଉଖାଉ ............................................... ।

୯. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଯେଉଁ ଶବ୍ଦର ସମ୍ପର୍କ ଅଛି ତାକୁ ବାଛି ଏକାଠି କରିବା ଓ 'ଗ' ସ୍ତମ୍ଭରେ ନୂଆ ଶବ୍ଦଟି ଲେଖିବା ।

| 'କ' | 'ଖ' | 'ଗ' |
| --- | --- | --- |
| ଦାରୁଣ | ଲୁଗା | ............................ |
| କସ୍ତା | ମୁଣ୍ଡ | ............................ |
| ପ୍ରବେଶିକା | ଅନ୍ଧାର | ............................ |
| କଅଁଳ | ହିତ | ............................ |
| କାଳି | ପରୀକ୍ଷା | ............................ |
| ନୁଖୁରା | ଅଭାବ | ............................ |
| | ଖରା | ............................ |

୧୦. ବନ୍ଧନୀ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାରର କେତେଗୁଡ଼ିଏ ନାମ ଦିଆଯାଇଛି । ଏଇ ନାମଗୁଡ଼ିକ କାହାର ତାହା ବାଛି ଖାଲି ଜାଗାରେ ଲେଖିବା ।

(ସୁଦାମ, କଟକ, ଓକିଲାତି, ଗାଈ, ସହିଷ୍ଣୁତା)

ଗୋଟିଏ ପଶୁର ନାମ .................................

ଜଣେ ବ୍ୟକ୍ତିର ନାମ .................................

ଗୋଟିଏ ସ୍ଥାନର ନାମ .................................

ଏକ ପ୍ରକାର ଜୀବିକାର ନାମ ............................

ଗୋଟିଏ ଭଲ ଗୁଣର ନାମ ................................

**୧୧. ଫୁଲର ପାଖୁଡ଼ା ମଧ୍ୟରୁ ଗୋଟିଏଗୋଟିଏ କାମକୁ ବାଛି ତଳେ ଦିଆଯାଇଥିବା ଶୂନ୍ୟ ସ୍ଥାନ ପୂରଣ କରିବା ।**




ସୁଦାମ ଗାଈମାନଙ୍କର ..........................

ସୁଦାମ ସବୁ ଜିନିଷର ..........................

ସୁଦାମ ବାବୁଙ୍କର ..........................

ମଧୁବାବୁ ପ୍ରବେଶିକା ପରୀକ୍ଷାରେ ..........................

ମଧୁବାବୁ ଜଳଖିଆରେ ଖଇ ..........................

ଉତ୍କଳ ଟ୍ୟାନେରିରେ ଓଡ଼ିଆ କାରିଗରମାନେ ଜୋତା ..........................

**୧୨. ମଧୁବାବୁଙ୍କ ବିଷୟରେ ଯାହା ଜାଣିଲେ ପାଞ୍ଚଟି ବାକ୍ୟ ଲେଖିବା ।**

....................................................................................

....................................................................................

....................................................................................

....................................................................................

....................................................................................

**ତୁମ ପାଇଁ କାମ**

- ମଧୁବାବୁଙ୍କର ଫଟୋଟିଏ ସଂଗ୍ରହ କରି ଘରେ ରଖ ।
- ମଧୁବାବୁଙ୍କର ଜୀବନୀ ସଂଗ୍ରହ କରି ପଢ଼ ।
- କଟକ ଗଲେ ଶୈଳବାଳା ମହିଳା କଲେଜ ପରିସରରେ ଥିବା 'ମଧୁସ୍ମୃତି' ସଂଗ୍ରହାଳୟଟି ବୁଲି ଦେଖ ।

